# ଓଡ଼ିଆ ପକ୍ଷରେ ବିଦ୍ୟାଳୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଆରମ୍ଭ





କଟକ,୪।୪(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଏବଂ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ ସମଗ୍ର ଶିକ୍ଷା ଆୟୋଜନରେ ଆଜି ୪୨ ମୌଜାସ୍ଥିତ ବେଣ୍ଟକାର ହାଇସ୍କୁଲରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ଓ ଶିଶୁ ବାଟିକାର ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବରେ କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀ ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମନୋରଞ୍ଜନ ବାରିକ, ସନ୍ତୋଷ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଛାତ୍ରଛାତ୍ରୀଙ୍କୁ ଖଡ଼ି ଛୁଆଁ କରାଇବା ସହ ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ଏହି ଅବସରରେ ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ମୋନାଲିସା ଖଟୁଆ, ଏବିଓ ଅନନ୍ତ ଚରଣ ଦେହୁରୀ ଏବଂ ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷା ସଂଯୋଜିକା ଡକ୍ଟର ଶୁଚିସ୍ମିତା ମହାନ୍ତି, ମାନସୀ ଧଳ, ହୀରାମଣି ମହାନ୍ତି, ଚିତ୍ତରଞ୍ଜନ ପଣ୍ଡାଙ୍କ ସମେତ ବିଭିନ୍ନ କ୍ଲଷ୍ଟରର ସିଆରସିସି ପ୍ରମୁଖ ଉପସ୍ଥିତ ଥିଲେ।



## ଶିଶୁ ବାଟିକା ଉଦ୍‌ଘାଟିତ

### ଟିଗିରିଆ

ଟିଗିରିଆ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷାଧିକାରୀ ଅମର ମହାରଣାଙ୍କ ପୌରୋହିତ୍ୟରେ ପ୍ରବେଶ ଉତ୍ସବ ଏବଂ ଖଡିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧକ୍ଷା ସଂଧ୍ୟାରାଣୀ ନାୟକ, ବକ୍ତା ଭାବେ ପ୍ରାକ୍ତନ ଆଠଗଡ ବ୍ଲକ୍ ଶିକ୍ଷାଧିକାରୀ ବିଜୟଲକ୍ଷ୍ମୀ ସାମଲ, ସହଶିକ୍ଷାଧିକାରୀ ସୌଦାମିନୀ ମିଶ୍ର, ବ୍ଲକ ସିଆର୍‌ସିସି ମାଧବଚନ୍ଦ୍ର ଦେଉରୀ, ସମାଜସେବୀ ସରୋଜ ଦାଶ, ସଂଗୀତକାର ଧୃଷାସନ ସ୍ୱାଇଁ, ବ୍ଲକ୍ ନୋଡାଲ ପ୍ରଧାନଶିକ୍ଷକ ରବିନ୍ଦ୍ରନାଥ ବିଶ୍ୱାଳ, ପ୍ରଧାନଶିକ୍ଷକ ବଟକୃଷ୍ଣ ସାହୁ, ପ୍ରାଥମିକ ଶିକ୍ଷକ ସଂଘର ଚନ୍ଦ୍ରକାନ୍ତ ମିଶ୍ର, କାର୍ତ୍ତିକଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଯୋଗ ଦେଇଥିଲେ। ଏହି ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯିବା ସହ ୧୫ ଜଣ ଛାତ୍ରଛାତ୍ରୀଙ୍କ ଖଡିଛୁଆଁ ଅନୁଷ୍ଠିତ ହୋଇଥିଲା। ସମ୍ବଳ ଶିକ୍ଷକ ଜ୍ଞାନୋଦୟ ମିଶ୍ରଙ୍କ ସଂଯୋଜନାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏକ ମୋ ହସ୍ତାକ୍ଷର ମୋ ପରିଚୟ କାର୍ଯ୍ୟକ୍ରମ କରାଯାଇଥିଲା। ସାଧନକେନ୍ଦ୍ର ସଂଯୋଜକ ଉମାଶଙ୍କର ରାଉତ, ବିଶ୍ୱରଞ୍ଜନ ଜେନା, ଅଶୋକ ଦାସ, ମହେଶ୍ୱର ସେଠୀ, ପ୍ରଶାନ୍ତ ଘଡାଇ, ଚନ୍ଦ୍ରମଣି ସ୍ୱାଇଁ ଏବଂ ନିଶାକର ଖୁଟୁଆଙ୍କ ସମେତ କାର୍ଯ୍ୟାଳୟ ଫକିରଚନ୍ଦ୍ର ଖଟୁଆ, ରଶ୍ମିତା ପ୍ରଧାନ, ସୀତାଂଶୁ ସାମଲ, ରଞ୍ଜନ ନାୟକ, ସଞ୍ଜୟ ଭୂୟାଁ, ଲାଲମୋହନ ପ୍ରଧାନ, ଗୁରୁଚରଣ ଓଝା, ଭୀମସେନ ସାମଲ, ଗଗନ ସ୍ୱାଇଁ ସହଯୋଗ କରିଥିଲେ।

### ନରସିଂହପୁର

ବାଲିସାହିସ୍ଥିତ ପିଏମ୍‌ଶ୍ରୀ ମୁକ୍ତନାଥ ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ-୨୦୨୬ ଅବସରରେ ନୂତନ ଭର୍ତ୍ତି ହୋଇଥିବା ଶିଶୁମାନଙ୍କୁ ସ୍ୱାଗତ କରାଯାଇ ଖଡି ଛୁଆଁ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଲୋକ ସାହୁଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ପ୍ରଧାନ, ସରପଞ୍ଚ ସସ୍ମିତା ସେଠୀ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

### ବଡମ୍ବା

ବଡମ୍ବା ବ୍ଲକ ରତପାଟ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଖଡିଛୁଆଁ କାର୍ଯ୍ୟକ୍ରମ ବ୍ଲକ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟଅତିଥି ଭାବେ କୁନି ପିଲାଙ୍କୁ ବହି ବ୍ୟାଗ୍ ସିଲେଟ ପ୍ରଦାନ କରି ଖଡ଼ିଛୁଆଁ ଶୁଭାରମ୍ଭ କରିବା ସହ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଶିକ୍ଷକ ସମୀର ରାଉତଙ୍କ ନେତୃତ୍ୱରେ ରଥ ପ୍ରତ୍ୟେକ ପଞ୍ଚାୟତ ପରିକ୍ରମା କରିଥିଲା। ରତାପାଟ କ୍ଲଷ୍ଟର୍ ସଂଯୋଜକ ରମେଶ ନାୟକ, ପ୍ରଧାନଶିକ୍ଷକ ବିଜୟ ଛତ୍ର, ଅନ୍ତର୍ଯ୍ୟାମୀ ସ୍ୱାଇଁ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଶିବପ୍ରସାଦ ବ୍ରହ୍ମା, କୈଳାଶଚନ୍ଦ୍ର ବେହେରା ଓ ଉଭୟ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଏନସିସି, ସ୍କାଉଟ ବିଭାଗ ସହଯୋଗ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ଶିକ୍ଷକ ନେତା କଳିଙ୍ଗ କେଶରୀ ପ୍ରଧାନ, ସରୋଜକାନ୍ତ ବଳିଆରସିଂହ, ଆନନ୍ଦଚନ୍ଦ୍ର ସାହୁ, ସମସ୍ତ କ୍ଲଷ୍ଟର୍ ସଂଯୋଜକ ଯୋଗ ଦେଇଥିଲେ।

# ଧବଳେଶ୍ୱର ଭୋଗ ଦୋକାନ ନିଲାମ ବାତିଲ୍

ଆଠଗଡ଼,୪।୪(ସମିସ): ଆଠଗଡ଼ ଦେବୋତ୍ତର ବିଭାଗ ପକ୍ଷରୁ ଶ୍ରୀ ଶ୍ରୀ ଧବଳେଶ୍ୱରଙ୍କର ଭୋଗ ଦୋକାନ ନିଲାମରେ ଅନିୟମିତତା ଅଭିଯୋଗ ହୋଇଛି। ଅଭିଯୋଗ ଆସିବା ପରେ ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ନିଲାମ ଡାକିଥିବା ଦୁଇ ଜଣଙ୍କ ମଧ୍ୟରୁ ଡେପୁଟି କଲେକ୍ଟର ଦୀପକ ରାଉତ ଓ କାଜଲ କୁମାର ମଲ୍ଲିକ ନିଲାମକୁ ବାତିଲ କରିଦେଇଛନ୍ତି। ଏହାର ପୁନଃ ନିଲାମ ଡକରା ଚଳିତ ମାସ ୯ ତାରିଖରେ ଅନୁଷ୍ଠିତ ହେବ। ୧୦ ତାରିଖରେ ଜଉମୁଦ ଖୋଲାଯିବ ବୋଲି ଦେବୋତ୍ତର ବିଭାଗର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ସୂଚନା ଦେଇଛନ୍ତି। ଏହି ଦୋକାନ ନିଲାମ ପାଇଁ ସରକାରୀ ରାଶି ୨୬ ଲକ୍ଷ ୭୧ ହଜାର ଥିଲାବେଳେ ଏହାର ୪୯.୧୦ ଲକ୍ଷ ସର୍ବାଧିକ ଡକରା ଥିଲା। ତେବେ, କାଗଜପତ୍ରରେ ବାଗମ୍ବାର ଓଭର ରାଇଟିଂ ହୋଇଥିବାରୁ ଏହାର ବୈଧତା ନେଇ ଦ୍ୱିତୀୟରେ ଥିବା ନାରାୟଣ ସାହୁ ସନ୍ଦେହ କରିଥିଲେ। ଅଭିଯୋଗକୁ ଭିତ୍ତିକରି କର୍ତ୍ତୃପକ୍ଷଙ୍କ ପକ୍ଷରୁ ନିଲାମକୁ ବାତିଲ କରାଯାଇଛି। ଅନ୍ୟପକ୍ଷେ, ଏହା ବିରୋଧରେ ଆଇନ ଆଶ୍ରୟ ନିଆଯିବ ବୋଲି ନିଲାମରେ ଭାଗନେଇଥିବା ସ୍ଥାନୀୟ ବିଜେପି ସଭାପତି ନିରାକାର ସାହୁ, ଆଲୋକ ପତ୍ରୀ, ରଞ୍ଜନ ସାହୁ ପ୍ରମୁଖ ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

# ଚୌଦ୍ୱାର କଲେଜରେ ଓଡ଼ିଆ ପକ୍ଷ

ଚୌଦ୍ୱାର, ୪।୪(ସମିସ): ଚୌଦ୍ୱାର କଲେଜରେ ଓଡ଼ିଆ ପକ୍ଷ ପାଳନର ଚତୁର୍ଥ ଦିବସରେ 'ବିଶ୍ୱ ଦରବାରରେ ଆମ ଟିକଣା-ଆମ ଖାଦ୍ୟ ଆମ ପୋଷାକ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ କଲେଜ ପରିସରରେ ଆୟୋଜିତ ଏହି ଆଲୋଚନାଚକ୍ରରେ ପ୍ରାଧ୍ୟାପକ ପ୍ରଭାକର ମିଶ୍ର ଓ ଡ. ହରପ୍ରିୟା ମହାପାତ୍ର ଓଡ଼ିଆ ଖାଦ୍ୟ ଓ ପାରମ୍ପରିକ ପୋଷାକ ସମ୍ପର୍କରେ ଆଲୋଚନା କରି ଓଡ଼ିଆ ଖାଦ୍ୟ ଓ ପାରମ୍ପରିକ ପୋଷାକ ଓଡ଼ିଆ ଜାତିକୁ ବିଶ୍ୱ ଦରବାରରେ ପରିଚିତ କରାଇଛି ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପନାମଣ୍ଡଳୀ ତଥା ବହୁ ଛାତ୍ରଛାତ୍ରୀ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ କଲେଜର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଓଡ଼ିଶାର ପାରମ୍ପରିକ ପୋଷାକ ପରିଧାନ କରି କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିଥିଲେ। ବିଷୟବସ୍ତୁକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଳ୍ପ ଓ କବିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଡ. ସସ୍ମିତା କର, ଶୁଭସ୍ମିତା ଭୂୟାଁ, ଲିଜା ରଥ ଓ ସୁଚିତ୍ରା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅବସରପ୍ରାପ୍ତ ସୈନିକଙ୍କୁ ସମ୍ବର୍ଦ୍ଧନା

ଟିଗିରିଆ,୪।୪(ସମିସ): ଟିଗିରିଆ ବ୍ଲକ କୋମାରେଇପୁର ଗ୍ରାମର ସୈନିକ ସୁବୋଧ କୁମାର ସାହୁ ଇଣ୍ଡୋ ତିବ୍‌ବତିଆନ ବର୍ଡର ପୁଲିସ (ଆଇଟିବିପି)ରେ ହାବିଲଦାର ଭାବେ ଦୀର୍ଘ ୨୫ ବର୍ଷ କାର୍ଯ୍ୟ ସମ୍ପାଦନ କରି ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଆଜି ଶ୍ରୀ ସାହୁ ଅବସର ନେଇ ନିଜ ଗ୍ରାମରେ ପହଞ୍ଚିବା ପରେ ଗ୍ରାମର ଗ୍ରାମବାସୀ, ବନ୍ଧୁ, ଶୁଭେଚ୍ଛୁ ଓ ପରିବାର ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ସାହୁଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପତ୍ନୀ ସୁଭଦ୍ରା ସାହୁ, ଝିଅ ଶୁଭଶ୍ରୀ ସାହୁ, ପୁତ୍ର ସୌରଭ ସାହୁଙ୍କ ସମେତ ଅନ୍ୟାନ୍ୟ ପରିବାର ସଦସ୍ୟ, ଗ୍ରାମବାସୀ, ବନ୍ଧୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଗୁହାଳ ଜଳିଗଲା; ୩ ଛେଳି ଦଗ୍ଧ

କଣ୍ଟାପଡା,୪।୪(ସମିସ): କଣ୍ଟାପଡା ତହସିଲ ଅଧୀନ ବାଗଲପୁର ପଞ୍ଚାୟତ ଦାମଦରପୁର ପ୍ରଧାନସାହିରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟି ଗୁହାଳ ଘର ପୋଡି ପାଉଁଶ ଯାଇଛି। ରବିନ୍ଦ୍ର କୁମାର ଭୋଇଙ୍କ ଗୁହାଳରେ ନିଆଁ ଲାଗିବା ଫଳରେ ୩ଟା ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଗୋଟିଏ ଗାଈ ଗୁରୁତର ହୋଇଛି। ଖବର ପାଇ ରାଜସ୍ୱ ନିରୀକ୍ଷକ ଅଧିକାରୀ ମାନସ ରଂଜନ ନାୟକ ଓ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ମୃତ୍ୟୁଞ୍ଜୟ ବେହୁରା ପହଞ୍ଚି ତଦନ୍ତ କରିବା ସହିତ ସରକାରୀ ସହାୟତା ଯୋଗାଇବାର ସମସ୍ତ ବ୍ୟବସ୍ଥା କରିଥିଲେ। ରବିନ୍ଦ୍ର ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କୁ ସରକାରୀ ସହାୟତା ଯଥାଶୀଘ୍ର ଯୋଗାଇଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ୪ ହାଇୱା ଅଟକ

ଟାଙ୍ଗୀ,୪।୪(ସମିସ): ଟାଙ୍ଗୀ ଥାନାଞ୍ଚଳରେ ବେଆଇନ ବାଲି ଚାଲାଣ ବୃଦ୍ଧି ପାଉଥିବା ବେଳେ ଶନିବାର ରାତିରେ ଟାଙ୍ଗୀ ପୁଲିସ ଚଢ଼ଉ କରି ୪ଟି ହାଇୱା ଅଟକ ରଖିଛି। ଥାନା ସାମ୍ନାରେ ଗାଡ଼ିଗୁଡ଼ିକ ଛିଡ଼ା ହୋଇଥିବା ବେଳେ ଆବଶ୍ୟକ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ବିକାଶ ସେଠୀ ସୂଚନା ଦେଇଛନ୍ତି।

# ମଙ୍ଗଳା ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ସାଲେପୁର,୪।୪(ସମିସ): ପଶ୍ଚିମମୁଖୀ ମା'ମଙ୍ଗଳାଙ୍କ ପୀଠରେ ଚତୁର୍ଥ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ୩ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମାଛୁଆତି ଗ୍ରାମରେ ଥିବା ପଶ୍ଚିମମୁଖୀ ମା'ମଙ୍ଗଳାଙ୍କ ପୀଠରେ ଚୈତ୍ର ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥି ଅନୁଯାୟୀ ୨ରୁ ୪ତାରିଖ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମଣ୍ଡପ ଅଧିବାସ, କଳସ ଶୋଭାଯାତ୍ରା, ଅଙ୍କୁରାରୋପଣ, ରୁଦ୍ରପ୍ରଭୁଙ୍କ ଅଭିଷେକ, ଗୀତାଯଜ୍ଞ, ମା'ଙ୍କ ଷୋଡ଼ଶ ଉପଚାର ପୂଜା ଓ ଚଣ୍ଡୀପାଠ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ୪ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଏହି ବିଶ୍ୱଶାନ୍ତି ମହାଯଜ୍ଞ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ସରୋଜ କର ସାଲେପୁର ବ୍ଲକ୍ କଂଗ୍ରେସ ସଭାପତି

ସାଲେପୁର,୪।୪(ସମିସ): ସାଲେପୁର ବ୍ଲକ୍ କଂଗ୍ରେସର ସଭାପତି ରୂପେ ଯୁବନେତା ସରୋଜ କୁମାର କରଙ୍କୁ ମନୋନୀତ କରାଯାଇଛି। ଏ ସଂପର୍କରେ କଟକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ପ୍ରଦୀପ୍ତ କୁମାର ଦାସ ଲିଖିତ ଭାବରେ ଜଣାଇଛନ୍ତି। ସାଲେପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ରୂପେ ଇଂ ଆକ୍ୟୁବ୍ ଖାଁ କଂଗ୍ରେସ ସଂଗଠନ କାର୍ଯ୍ୟ ତୁଲାଇ ଆସୁଥିବାବେଳେ ତାଙ୍କର ସୁପାରିସରେ ସରୋଜ ବ୍ଲକ୍ କଂଗ୍ରେସ ସଭାପତି ହୋଇଥିବା କୁହାଯାଇଛି। ଶ୍ରୀ କର ପୂର୍ବରୁ ବ୍ଲକ୍ ଯୁବ କଂଗ୍ରେସ କମିଟିର ସଭାପତି ଥିଲେ। ଶ୍ରୀ କର ଏଥିପାଇଁ ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ ଓ କଂଗ୍ରେସ ନେତା ଆକ୍ୟୁବ୍ ଖାଁଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି।

# ୩୬ ବେଆଇନ ଗ୍ୟାସ ସିଲିଣ୍ଡର ଜବତ



ଟିଗିରିଆ, ୪।୪ (ସମିସ): ଶନିବାର ଆଠଗଡ ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ବିଷ୍ଣୁଚରଣ ପରିଡାଙ୍କ ନେତୃତ୍ୱରେ ନୂଆପାଟଣାରେ ଚଢ଼ାଉ କରାଯାଇ ମୋଟ ୩୬ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଜବତ ସିଲିଣ୍ଡର ମଧ୍ୟରେ ୩୪ଟି ଘରୋଇ ସିଲିଣ୍ଡର ହୋଇଥିବା ବେଳେ ୨ଟି ବାଣିଜ୍ୟିକ ସିଲିଣ୍ଡର ହୋଇଥିବା ଜଣାପଡିଛି। ୩୪ଟି ଘରୋଇ ସିଲିଣ୍ଡର ମଧ୍ୟରୁ ୧୮ଟି ଗ୍ୟାସ ପୂର୍ଣ୍ଣ ଥିବାବେଳେ ୧୬ଟି ଖାଲି ଓ ଜବତ ହୋଇଥିବା ୨ଟି ବାଣିଜ୍ୟିକ ସିଲିଣ୍ଡର ଖାଲି ଥିବା ସୂଚନା ମିଳିଛି। ଗତ ଜାନୁଆରୀ ମାସ ୭ ତାରିଖରେ ଚଢ଼ଉ କରି ୧୬୩ଟି ଜବତ ହୋଇଥିବା ବେଳେ କୈଳାସ ଦାସଙ୍କ ଦୋକାନରୁ ଆଜି ମଧ୍ୟ ଚଢ଼ଉ କରାଯାଇ ୧୨ଟି ଘରୋଇ ଓ ଗୋଟିଏ ବାଣିଜ୍ୟିକ ସିଲିଣ୍ଡର ଜବତ କରାଯାଇଥିଲା। ଦୁଇଟି ତାଲା ପଡିଥିବା ଘରେ ବେଆଇନ ଗ୍ୟାସ ସିଲିଣ୍ଡର ଗଚ୍ଛିତ ଥିବା ଯୋଗାଣ ଅଧିକାରୀ ଶ୍ରୀ ପରିଡା, ଟିଗିରିଆ ଅତିରିକ୍ତ ତହସିଲଦାର ଗଙ୍ଗାଧର ନାୟକ ଓ ସ୍ଥାନୀୟ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ଉକ୍ତ ଦୁଇ ଘରର ତାଲା ଭାଙ୍ଗି ତା'ମଧ୍ୟରୁ ୨୨ଟି ଘରୋଇ ଓ ଦୁଇଟି ବାଣିଜ୍ୟିକ ସିଲିଣ୍ଡର ଜବତ କରାଯାଇଛି। ଜବତ ହୋଇଥିବା ଘରୋଇ ସିଲିଣ୍ଡର ମଧ୍ୟରୁ ୧୪ଟି ସିଲିଣ୍ଡରରେ ଗ୍ୟାସ ପୂର୍ଣ୍ଣ ଥିବାବେଳେ ୮ଟି ସିଲିଣ୍ଡର ଖାଲି ରହିଥିବା ତଥା ଉକ୍ତ ଦୁଇଟି ଘରୁ ଜବତ ଗୋଟିଏ ବାଣିଜ୍ୟିକ ସିଲିଣ୍ଡର ଖାଲି ଥିବା ଉପଖଣ୍ଡ ସହକାରୀ ଯୋଗାଣ ଅଧିକାରୀ ଶ୍ରୀ ପରିଡା ସୂଚନା ଦେଇଛନ୍ତି। ଚଢଉ ଦଳରେ ଟିଗିରିଆ ବ୍ଲକ ଯୋଗାଣ ଅଧିକାରୀ ବିଦ୍ୟୁତଲତା ନାୟକ, ବଡମ୍ବା ବ୍ଲକ ଯୋଗାଣ ଅଧିକାରୀ ଦେବୀପ୍ରସାଦ ଦାଶ ପ୍ରମୁଖ ରହିଥିଲେ।

# ପିପି ଦେବ ମହାବିଦ୍ୟାଳୟରେ ୨୭ ୟୁନିଟ୍ ରକ୍ତ ସଂଗୃହୀତ

ଟିଗିରିଆ,୪।୪(ସମିସ): ଟିଗିରିଆ ବ୍ଲକ ନିଜିଗଡ଼ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟରେ ଯୁବ ରେଡ଼କ୍ରସ, ଏନଏସଏସ, ଏନସିସି ଶାଖାର ମିଳିତ ସହଯୋଗରେ ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯାଜ୍ଞସିନୀ ଗୋଛାୟତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରାଧ୍ୟାପକ ସୁଧୀରଚନ୍ଦ୍ର ନାଥ, ଅଧ୍ୟାପକ ଡକ୍ଟର ପତିତପାବନ ପଣ୍ଡା, କ୍ୟାପଟେନ ଲକ୍ଷ୍ମୀଧର ସାହୁ ଯୋଗଦାନ କରିଥିଲେ।



କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ଶାଖାର ମୁଖ୍ୟ ବିଜୟ କୁମାର ଦାସ ପରିଚାଳନା କରିଥିଲେ। ଶିବିରରେ ମୋଟ ୨୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଅଧ୍ୟାପକ ନିତ୍ୟଶ୍ରୀ ରଞ୍ଜନ ସ୍ୱାଇଁ, ମୁକେଶ ପଞ୍ଚବିହାର, ଅମିତ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ମା'ଧାକୁଳେଇଙ୍କ ପୀଠରେ ଜିଲ୍ଲାସ୍ତରୀୟ ସଙ୍କୀର୍ତ୍ତନ



କଟକ,୪।୪(ସମିସ): କଟକ ସଦର ପ୍ରସିଦ୍ଧ ପ୍ରତାପନଗରୀସ୍ଥିତ ମା'ଧାକୁଳେଇଙ୍କ ପୀଠରେ ଯାତ୍ରା ଉତ୍ସବର ତୃତୀୟ ଦିବସରେ ୪୮ ମଣ୍ଡଳ ସଙ୍କୀର୍ତ୍ତନ ମଣ୍ଡଳ ତରଫରୁ ସଙ୍କୀର୍ତ୍ତନ ପରିବେଷଣ କରାଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରୁ ବାସୁଦେବ ପାଣି, ଅଜୟ ଦାସ, ବିରଞ୍ଚି ନାରାୟଣ ସ୍ୱାଇଁ, ପର୍ଶୁରମ ରାଉତ, ଅରକ୍ଷିତ ସ୍ୱାଇଁ, ଉପେନ୍ଦ୍ର ସ୍ୱାଇଁ, ଦୟାନିଧି ସାହୁ, ଦିଲ୍ଲୀପ ସାମନ୍ତରାଏ ପ୍ରମୁଖ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ଅତିଥିଭାବେ ଧାକୁଳେଇ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦ ସ୍ୱାଇଁ, ସମ୍ପାଦକ ପ୍ରମୋଦ ବେହେରା, ମନ୍ଦିର ମହନ୍ତ ବାଦଲ ଜେନା, କୋଷାଧ୍ୟକ୍ଷ ବାଦଲ ସ୍ୱାଇଁ ଯୋଗ ଦେଇଥିଲେ। ବନମାଳି ଦାସ, ରବି ବସ୍ତିଆ, ଅଜୟ ଦାସ, ବିରଞ୍ଚି ନାରାୟଣ ସ୍ୱାଇଁ, ପ୍ରଦୀପ୍ତ ସାହୁ, ପର୍ଶୁରାମ ସେନାପତି, ସତ୍ୟରଞ୍ଜନ ଦାସ ପରିଚାଳନା କରିଥିଲେ।

# ଶ୍ରୀଦାରୁ ରଘୁନାଥଜୀଉଙ୍କ ରାମନବମୀ ପୂଜା ଉଦ୍‌ଯାପିତ

ଟିଗିରିଆ,୪।୪(ସମିସ): ଟିଗିରିଆ ବ୍ଲକ ଗଦାଧରପୁର ପଞ୍ଚାୟତର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଦାରୁ ରଘୁନାଥଜୀଉଙ୍କ ପୀଠରେ ଗତ ୯ ଦିନ ଧରି ଚାଲିଥିବା ପ୍ରସିଦ୍ଧ ରାମନବମୀ ପୂଜା ଶୁକ୍ରବାର ଉଦଯାପିତ ହୋଇଯାଇଛି। ଆଜି ପୂର୍ଣ୍ଣାହୁତି ଯଜ୍ଞ ଶେଷ ହୋଇଥିଲା। ପ୍ରଭୁ ଶ୍ରୀ ଦାରୁ ରଘୁନାଥଜୀଉଙ୍କ ପ୍ରତିମାକୁ ଭକ୍ତ ଓ ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମ ପରିକ୍ରମା କରାଯାଇ ନଗର କୀର୍ତ୍ତନ ନୀତି ସମ୍ପନ୍ନ ହୋଇଥିଲା। ପରେ କଳସ ବିସର୍ଜନ କରାଯାଇ ଚଳିତ ବର୍ଷର ନବମୀ ପୂଜା ଶେଷ ହୋଇଥିଲା ବୋଲି ପୂଜକ ସନ୍ତୋଷ କୁମାର ଶତପଥୀ ଓ ସହଯୋଗୀ ପ୍ରଫୁଲ୍ଲ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଚଳିତବର୍ଷ ୫୪ ବର୍ଷ ପୂର୍ତ୍ତି ଉପଲକ୍ଷେ ପୂଜା କମିଟିର ସହାୟତାରେ ପ୍ରତ୍ୟହ କରାଯାଉଥିବା ରାମଲୀଳା ପ୍ରତିଯୋଗିତା ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଗ୍ରାମ୍ୟ କମିଟିର ତଥା ପୂଜା କମିଟିର ସଭାପତି ଧନେଶ୍ୱର ସ୍ୱାଇଁ ସୂଚନା ଦେଇଛନ୍ତି।

# ସୁନ୍ଦରଗ୍ରାମ ଉଚ୍ଚବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ ପ୍ରସ୍ତୁତି



କଣ୍ଟାପଡ଼ା,୪।୪(ସମିସ): କଣ୍ଟାପଡ଼ା ବ୍ଲକର ସର୍ବପୁରାତନ ସୁନ୍ଦରଗ୍ରାମ ସରକାରୀ ଉଚ୍ଚବିଦ୍ୟାଳୟରେ ଚଳିତ ମାସ ୧୯ ଓ ୨୦ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ ପ୍ଲାଟିନମ ଜୟନ୍ତୀ। ଉଦଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଦ୍ୱିତୀୟ ଦିନରେ ଦେଶ ଓ ବିଦେଶରୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆଜି ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକରେ ନିଆଳି ବିଧାୟକ ଇଂ ଛବି ମଲ୍ଲିକଙ୍କ ସମେତ ପ୍ଲାଟିନମ ଜୟନ୍ତୀ କମିଟିର ବହୁ କର୍ମକର୍ତ୍ତା ଉତ୍ସବର ପରିଚାଳନା ସମ୍ପର୍କିତ କାର୍ଯ୍ୟକ୍ରମର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ।

# ଦେବୋତ୍ତର ସମ୍ପତ୍ତି ସଂଲଗ୍ନ ଚାଷଜମିକୁ ବେଆଇନ ଅବରୋଧ ଅଭିଯୋଗ



ସାଲେପୁର,୪।୪(ସମିସ): ଜଣେ ବ୍ୟକ୍ତି ଦୀର୍ଘବର୍ଷ ଧରି ଦେବୋତ୍ତର ସମ୍ପତ୍ତିକୁ ଲିଜ୍ ନେଇ ଚାରିପାର୍ଶ୍ୱରେ ବାଡ଼ ବସାଇ ରଖିଥିବାରୁ ଏହି ଦେବୋତ୍ତର ସମ୍ପତ୍ତିକୁ ଲାଗିଥିବା ସ୍ଥିତିବାନ୍ ଚାଷ ଜମିକୁ ଜମି ମାଲିକମାନେ ଚାଷ କାର୍ଯ୍ୟ କରିବାକୁ ଯାଇପାରୁ ନଥିବା ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ କୋଲଣପୁର ମୌଜାରେ ଥିବା ଶ୍ରୀବଳଦେବଜୀଉଙ୍କ ସମ୍ପତ୍ତିକୁ ଉକ୍ତ ଅଞ୍ଚଳର ଜଣେ ବ୍ୟକ୍ତି ଲିଜ୍ ନେଇ ତହିଁରେ ସ୍ଥାୟୀ ଗୃହ ନିର୍ମାଣ କରିବା ସହ ଏହି ସମ୍ପତ୍ତିର ଚତୁଃପାର୍ଶ୍ୱରେ ପିଲାର ପକାଇ ବାଡ଼ ଦେଇଛନ୍ତି। ଫଳରେ ଏହି ଦେବୋତ୍ତର ସମ୍ପତ୍ତିକୁ ଲାଗିଥିବା ସ୍ଥିତିବାନ୍ ଚାଷ ଜମିକୁ ଜମି ମାଲିକମାନେ ଚାଷ କାର୍ଯ୍ୟ କରିବାକୁ ଯାଇପାରୁନାହାନ୍ତି। ଏହାକୁ ନେଇ ସ୍ଥିତିବାନ୍ ଜମି ମାଲିକମାନେ ଦେବୋତ୍ତର ଜମି ଲିଜ୍‌ରେ ନେଇଥିବା ବ୍ୟକ୍ତିଙ୍କୁ ବାଡ଼ ଖୋଲିବାକୁ କହିବାରୁ ସଂପୃକ୍ତ ଲିଜ୍‌ଧାରୀ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିବା ନେଇ ଅଭିଯୋଗ କରିଛନ୍ତି। ସରକାରୀ ନିୟମ ଅନୁଯାୟୀ ଦେବୋତ୍ତର ସମ୍ପତ୍ତିକୁ ଲିଜ୍ ନେଇଥିବା ବ୍ୟକ୍ତି ସ୍ଥାୟୀ ଗୃହ ନିର୍ମାଣ କରିପାରିବେ ନାହିଁ। କେବଳ ଚାଷ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଥିଲାବେଳେ ସଂପୃକ୍ତ ଲିଜ୍‌ଧାରୀ ଏଥିରେ ସ୍ଥାୟୀ ଗୃହ ନିର୍ମାଣ କରିଥିବା ନେଇ ଅଭିଯୋଗ ହୋଇଛି। ଏଣ୍ଡାଓମେଣ୍ଟ କମିସନର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଜମିମାଲିକମାନେ ଦାବି କରିଛନ୍ତି।

# ମାରୁଗୋଠ-ବଡଭୂଇଁ ରାସ୍ତା ଅନିୟମିତତା; ତଦନ୍ତ ଆରମ୍ଭ



ଆଠଗଡ଼, ୪।୪(ସମିସ): ଆଠଗଡ ବ୍ଲକ ଅନ୍ତର୍ଗତ ମାରୁଗୋଠ-ବଡଭୂଇଁ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ ହେବାପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କାର୍ଯ୍ୟସ୍ଥଳରେ କଟକ ପ୍ରଦିକ୍ଷଣ ଯନ୍ତ୍ରୀ ମୋନାଲିସା ମହନ୍ତ ପହଞ୍ଚି ନିରୀକ୍ଷଣ କରିଥିଲେ। ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ଅଧିକ ତଦନ୍ତ କରାଯିବ ବୋଲି ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ଆଠଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅନ୍ତର୍ଗତ ମାରୁଗୋଠ-ବଡଭୂଇଁ ରାସ୍ତା ସମ୍ପ୍ରସାରଣର ନିମ୍ନମାନ ଦର୍ଶାଇ ବଡଭୁଇଁଦେଶ ଗ୍ରାମବାସୀଙ୍କ ତରଫରୁ ଆଠଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା। ଅଧୀକ୍ଷଣ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ କିଛି ପ୍ରତିକ୍ରିୟା ଦେବାକୁ ମନା କରିବାରୁ ଗ୍ରାମବାସୀ ଧାରଣା ଦେଇଥିଲେ। ସହକାରୀ ଯନ୍ତ୍ରୀ ବୁଝାସୁଝା କରିବା ସହ ତଦନ୍ତ ପୂର୍ବକ ୧ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ଜନସାଧାରଣଙ୍କୁ ଆଶ୍ୱସନା ଦେଇଛନ୍ତି।

# ଆଦର୍ଶ ଶିକ୍ଷକଙ୍କ ବିୟୋଗ



ମାହାଙ୍ଗା, ୪।୪ (ସମିସ): ମାହାଙ୍ଗା ବ୍ଲକ କୁସୁପୁର ଗ୍ରାମର ମୁରବୀ, ଆଦର୍ଶ ଶିକ୍ଷକ, ସଂସ୍କୃତିପ୍ରେମୀ ଯାଦବାନନ୍ଦ ଜେନାଙ୍କ ୮୪ ବର୍ଷ ବୟସରେ ପରଲୋକ ଘଟିଛି। ଗ୍ରାମ୍ୟ ଶ୍ମଶାନରେ ଆଜି ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ସାନପୁଅ ଶିବାନନ୍ଦ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଜେନା ପାରିପଲେଇ, କୋଳିଅଠା ଏବଂ କୁସୁପୁରଠାରେ ଶିକ୍ଷକତା କରିଥିଲେ। ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ତାଙ୍କ ବେଶ୍ ସୁନାମ ଥିଲା। କୁସୁପୁର ଗାଁର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯାଦବାନନ୍ଦଙ୍କ ଯୋଗଦାନକୁ ସବୁ ବର୍ଗର ଜନସାଧାରଣ ପ୍ରଶଂସା କରିଛନ୍ତି। ଏହି ଆଦର୍ଶ ଗୁରୁଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ଦିବଂଗତ ପୁରୁଷଙ୍କ ଆତ୍ମାର ସଦଗତି କାମନା କରିଛନ୍ତି।

